## କେନ୍ଦୁଝର : ମାଟ୍ରିକ୍ ଟପରମାନଙ୍କୁ ଡି.ଏମ୍.ଏଫ୍. ବୃତି ପ୍ରଦାନ : ଆତ୍ମ ବିଶ୍ୱାସ ଓ ଦୃଢ ମନୋବଳରେ ଛାତ୍ରଛାତ୍ରୀ ସଫଳତାର ଶୀର୍ଷ ଛୁଇଁ ପାଇବେ : ଡି.ଏମ୍.ଏଫ୍. ବୃତି ମେଧାବୀ ଛାତ୍ରଛାତ୍ରୀଙ୍କୁ ଉତ୍କର୍ଷ ହାସଲ ଦିଗରେ ବାଟ କଢାଇବ




କେନ୍ଦୁଝର, ତା ୦୨.୦୯.            ଆତ୍ମ ବିଶ୍ୱାସ ଓ ଦୃଢ ମନୋବଳ ରଖି ଅଧ୍ୟବସାୟ ଜାରି ରଖିଲେ ଛାତ୍ରଛାତ୍ରୀ ସଫଳତାର ଶୀର୍ଷ ଛୁଇଁ ପାରିବେ ବୋଲି ଓଡିଶା ରାଜ୍ୟ ଦକ୍ଷତା ବିକାଶ ପ୍ରାଧିକରଣର ଅଧ୍ୟକ୍ଷ ସୁବ୍ରୋତ ବାଗ୍‌ଚି କହିଛନ୍ତି । ଚଳିତ ସେପ୍ଟେମ୍ବର ମାସ ଦୁଇ ତାରିଖ ଦିନ ଜିଲ୍ଲା ସଂସ୍କୃତି ଭବନ ଠାରେ ଆୟୋଜିତ ମାଟ୍ରିକ୍ ଟପରଙ୍କୁ ଡି.ଏମ୍.ଏଫ୍. ବୃତି ପ୍ରଦାନ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହା କହିଛନ୍ତି । ଜିଲ୍ଲାପାଳ ଆଶିଷ ଠାକରେଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମକୁ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରି ଓଡିଶା ରାଜ୍ୟ ଦକ୍ଷତା ବିକାଶ ପ୍ରାଧିକରଣର ଅଧ୍ୟକ୍ଷ ଶ୍ରୀ ବାଗ୍‌ଚି ଛାତ୍ରଛାତ୍ରୀମାନଙ୍କୁ ଉଦ୍‌ବୋଧନ ଦେଇ କହିଥିଲେ ଯେ ସଫଳତା ପାଇଁ ପ୍ରଚେଷ୍ଟା ନିଜେ ଆରମ୍ଭ କରିବା ଦରକାର । ଶିକ୍ଷାର ଅନ୍ତ ନାହିଁ କିମ୍ବା ସଫଳତାର ଅନ୍ତ ନାହିଁ । ଏଣୁ ନିରନ୍ତର ସମସ୍ତଙ୍କ ଠାରୁ କିଛି ନା କିଛି ଶିଖିବାର ଅଛି । ଜୀବନରେ ମହତ୍ ଆଶା ଓ ଉଚ୍ଚ ଅଭିଳାଷ ରହିବା ଦରକାର । ଆତ୍ମବିଶ୍ୱାସ ସଫଳତାର ମନ୍ତ୍ର । ବ୍ୟକ୍ତିଗତ ସଫଳତା ଅନ୍ୟମାନଙ୍କ ପାଇଁ ଉପଯୋଗ ହୋଇପାରିଲେ ଜୀବନ ସାର୍ଥକ ହୋଇଥାଏ । ଜଣେ ସାଧାରଣ ମଣିଷ କିପରି ଅସାଧାରଣ କୃତିତ୍ୱ ହାସଲ କରିପାରେ ଏବଂ ସେ କୃତିତ୍ୱ ଯେପରି ସମାଜ ପାଇଁ ସମର୍ପିତ ହୋଇପାରେ, ସେ ଦିଗରେ ଛାତ୍ରଛାତ୍ରୀମାନେ ଅନୁପ୍ରାଣିତ ହେବା ଦରକାର । ଜୀବନରେ ଯେତେ ବଡ଼ ହେଲେ ବି ମଣିଷ ପଣିଆଁ ରହିବା ଦରକାର ଏବଂ ନିଜ ଚରିତ୍ରକୁ ଉଜ୍ଜ୍ୱଳ ରଖିବା ଆବଶ୍ୟକ ବୋଲି କହିଥିଲେ । ମାଟ୍ରିକ୍ ଟପରମାନେ ହେଉଛନ୍ତି ଭବିଷ୍ୟତର ଉତୀର୍ଣ୍ଣ ପ୍ରତିଭା । ସମୟ ଆଜି ସେମାନଙ୍କୁ ଯେଉଁ ସୁଯୋଗ ଦେଇଛି, ସେମାନେ ଭବିଷ୍ୟତରେ ତାହାର ଭରପୁର ସଦୁପଯୋଗ କରିବେ । କେବଳ ନିଜର ପରିବାର ନୁହେଁ, ଅଂଚଳ ନୁହେଁ, ରାଜ୍ୟ ତଥା ଦେଶର ନାମକୁ ରୋଷନ କରିବାକୁ ଆହ୍ୱାନ ଜଣାଇଥିଲେ । କେନ୍ଦୁଝର ଜିଲ୍ଲାରେ ଶିକ୍ଷା ଓ ଶିକ୍ଷାନୁଷ୍ଠାନର ବିକାଶ ପାଇଁ ଡି.ଏମ୍.ଏଫ୍ ସହଯୋଗରେ ଜିଲ୍ଲାପାଳଙ୍କ ଉଦ୍ୟମକୁ ପ୍ରଶଂସା କରିବା ସହିତ ଡି.ଏମ୍.ଏଫ୍. ବୃତି ମେଧାବୀ ଛାତ୍ରଛାତ୍ରୀମାନଙ୍କୁ ଉତ୍କର୍ଷ ଦିଗରେ ବାଟ କଢାଇବ ବୋଲି କହିଥିଲେ । ଶ୍ରୀ ବାଗ୍‌ଚି ଉଦ୍‌ବୋଧନ ଛଳରେ କହିଥିଲେ ଛାତ୍ରଛାତ୍ରୀମାନଙ୍କ ପାଖରେ ମେଧା ଥିଲେ ମଧ୍ୟ ସମୟେ ସମୟେ ବାଧା ଆସିବ । କିନ୍ତୁ ନିଷ୍ଠା ଓ ଏକାଗ୍ରତା ବଳରେ ପ୍ରତିଭାର ଜିତାପଟ୍ ହେବ ଏବଂ ପ୍ରତିଭା ପ୍ରସ୍ଫୁଟିତ ହେବ । ପ୍ରତ୍ୟେକ ନିଜେ ନିଜେ ଯେଉଁ ସ୍ତରରେ ଥିଲେ ବି ସମାଜ ପ୍ରତି କିଛି ଅବଦାନ ଛାଡିଲେ ଜୀବନରେ ପୂର୍ଣ୍ଣତା ଆସିଥାଏ । ପିଲାମାନଙ୍କ ସହ ବାର୍ତାଳାପ ଜରିଆରେ ଶ୍ରୀ ବାଗ୍‌ଚି ନିଜ ଶୈଶବ, କୈଶର ଓ ଯୁବାବସ୍ଥାରେ କିପରି ବିଭିନ୍ନ ବାଧା, ପ୍ରତିବନ୍ଧକକୁ ଏଡାଇ ଅଗ୍ରସର ହୋଇଛନ୍ତି ସେ ସଂପର୍କରେ ରୋଚକ ତଥ୍ୟ ପ୍ରଦାନ କରି ପିଲାମାନଙ୍କର ମନୋବଳ, ଉଚ୍ଚ ଅଭିଳାଷ ବଢାଇଥିଲେ ଏବଂ ସେମାନଙ୍କର ଜୟ ଯାତ୍ରା ଅବ୍ୟାହତ ରହୁ ବୋଲି କାମନା କରିଥିଲେ । ଏତଦ୍‌ବ୍ୟତୀତ ନିଜ ମା ମାଟି ଓ ମାଟିର ମଣିଷମାନଙ୍କ ପ୍ରତି ଅନୁରକ୍ତି ରଖିବା ପାଇଁ ପରାମର୍ଶ ଦେଇଥିଲେ । ଭାଷଣ ପ୍ରସଙ୍ଗରେ ଶ୍ରୀ ବାଗ୍‌ଚି କହିଥିଲେ ଯେ ଜୀବନରେ ଅନେକ ପେଷା ଗ୍ରହଣ

କରି ଶେଷରେ ବିଦେଶ ଯାଇ ଉଦ୍ୟୋଗପତି ହୋଇଥିଲେ । କିନ୍ତୁ ମାନ୍ୟବର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଆହ୍ୱାନ କ୍ରମେ ଜନ୍ମଭୂମିର ସେବା କରିବା ପାଇଁ ଲେଉଟି ଆସିଥିଲେ । ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କର ସ୍ୱପ୍ନକୁ ସାକାର କରିବା ପାଇଁ ଓଡିଶା ଦକ୍ଷତା ବିକାଶ ପ୍ରାଧିକରଣର ଅଧକ୍ଷ ଭାବେ ଦାୟିତ୍ୱ ନେବା ପରେ ରାଜ୍ୟର ମାନବସମ୍ବଳ ବିଶେଷ କରି ଯୁବକ, ଯୁବତୀମାନଙ୍କୁ ଦକ୍ଷ ଓ ବିକଶିତ କରିବା କାର୍ଯ୍ୟକ୍ରମ ଜାରି ରଖିଛନ୍ତି । ଖୁବ୍ କମ୍ ଦିନ ମଧ୍ୟରେ ସ୍କିଲଡ୍ ଇନ୍ ଓଡିଶା, ଇଂଟରନେସ୍‌ନାଲ ବ୍ରାଣ୍ଡ୍ ଭେଲ୍ୟୁର ମାନ୍ୟତା ପାଇ ପାରିଛି ଏବଂ ଅନ୍ୟ ରାଜ୍ୟ ତଥା ଦେଶ ପାଇଁ ଉଦାହରଣ ସାଜିଛି ବୋଲି କହିଥିଲେ । ଜିଲ୍ଲାପାଳ ଆଶିଷ ଠାକରେ ନିଜ ଅଭିଭାଷଣରେ ମାଟ୍ରିକ୍ ଟପରମାନଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇବା ସହିତ ମେଧାବୀ ଛାତ୍ରମାନଙ୍କର ଯାତ୍ରା ପଥକୁ ଅଧିକ ଗତିଶୀଳ କରିବା ପାଇଁ ଡି.ଏମ୍.ଏଫ୍. ବୃତି ବ୍ୟବସ୍ଥା କରାଯାଇଛି, ଯାହା ସେମାନଙ୍କର ଉଚ୍ଚଶିକ୍ଷା କ୍ଷେତ୍ରରେ ସହାୟକ ହେବ ବୋଲି କହିଥିଲେ । ଏଣୁ ସେମାନେ ସେମାନଙ୍କଠାରେ ଥିବା ପ୍ରତିଭାକୁ ସଦୁପଯୋଗ କରି ସଫଳତାର ଧାରାକୁ ଅଧିକ ଜାରି ରଖିବା ପାଇଁ ଶୁଭକାମନା ଜଣାଇଥିଲେ । ଏତଦ୍‌ବ୍ୟତୀତ ଜିଲ୍ଲାରେ ଶିକ୍ଷାନୁଷ୍ଠାନମାନଙ୍କର ଭିତିଭୂମିର ବିକାଶ, ଶିକ୍ଷାର୍ଥୀମାନଙ୍କର ବିକାଶ ପାଇଁ ନିଆଯାଉଥିବା ଅଭିନବ ପଦକ୍ଷେପ ସଂପର୍କରେ ଆଲୋକପାତ କରିଥିଲେ । ଏହି ସମାରୋହରେ ଶ୍ରୀ ବାଗ୍‌ଚିଙ୍କୁ ସଂବର୍ଦ୍ଧିତ କରାଯାଇଥିଲା । ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ଏସ୍.ପି. ମିତ୍ରଭାନୁ ମହାପାତ୍ର ଏବଂ ଡି.ଏଫ୍.ଓ. ଧନରାଜ ଏଚ୍.ଡି. ମାଟ୍ରିକ୍ ଟପରମାନଙ୍କୁ ଶୁଭେଚ୍ଛା ଜଣାଇବା ସହିତ ସେମାନଙ୍କର ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ ଏବଂ ମେଧାବୀ ଛାତ୍ରମାନଙ୍କ ପାଇଁ ଡି.ଏମ୍.ଏଫ୍. ବୃତି ବ୍ୟବସ୍ଥା ସେମାନଙ୍କ ପ୍ରତିଭା ପ୍ରସ୍ଫୁଟିତ କରିବା ଦିଗରେ ସହାୟକ ହେବ ବୋଲି କହିଥିଲେ । ଏହି ଅବସରରେ ଡି.ଏମ୍.ଏଫ୍. ବୃତି ସଂପର୍କିତ ଭିଡିଓ ପ୍ରଦର୍ଶିତ ହୋଇଥିଲା ଏବଂ ୨୦୨୨ ଡି.ଏମ୍.ଏଫ୍. ସ୍କୋଲାରସିପ୍ ସ୍କିମ୍ ଉନ୍ମୋଚିତ ହୋଇଥିଲା । ଏହି ଅବସରରେ ଓଡିଶା ଆଦର୍ଶ ବିଦ୍ୟାଳୟ ବର୍ଗର ୧୧ ଜଣ ବ୍ଲକ୍ ମାଟ୍ରିକ୍ ଟପର ଏବଂ ସରକାରୀ ଓ ଅନୁଦାନ ପ୍ରାପ୍ତ ଉଚ୍ଚ ବିଦ୍ୟାଳୟ ବର୍ଗର ୧୩ ଜଣ ମାଟ୍ରିକ୍ ଟପରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା ଏବଂ ଜୁଆଙ୍ଗ ଜନଜାତି ବର୍ଗର ମାଟ୍ରିକ୍ ଟପରଙ୍କୁ ମଧ୍ୟ ସମ୍ବର୍ଦ୍ଧିତ କରାଯାଇଥିଲା । ଶେଷରେ ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ଡି.ଏମ୍.ଏଫ୍‌ର ମୁଖ୍ୟ ନିର୍ବାହୀ ଅଧିକାରୀ ବିଷ୍ଣୁ ପ୍ରସାଦ ଆଚାର୍ଯ୍ୟ ଧନ୍ୟବାଦ ଅର୍ପଣ କରିଥିଲେ । ଜିଲ୍ଲା ଶିକ୍ଷା ଅଧିକାରୀ ପୂର୍ଣ୍ଣ ଚନ୍ଦ୍ର ସେଠୀ ଅନ୍ୟତମ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । ଉପନିର୍ଦ୍ଦେଶକ, ସୂଚନା ଓ ଲୋକ ସଂପର୍କ କେନ୍ଦୁଝର ସଂଜୀବ ବାରିକ କାର୍ଯ୍ୟକ୍ରମର ସଂଯୋଜନ କରିଥିଲେ । ସୂଚନାଯୋଗ୍ୟ ଯେ ତିନି ବର୍ଷ ହେଲା ମାଟ୍ରିକ୍ ଟପର ତଥା ଷାଠିଏ ଶତକଡାରୁ ଅଧିକ ନମ୍ବର ରଖିଥିବା ଛାତ୍ରଛାତ୍ରୀଙ୍କୁ ଡି.ଏମ୍.ଏଫ୍. ବୃତି ପ୍ରଦାନ କରାଯାଇଆସୁଅଛି । ଚଳିତ ବର୍ଷ ଷାଠିଏ ଶତକଡାରୁ ଅଧିକ ନମ୍ବରର ରଖିଥିବା ୧୧୬୦୫ ଜଣ ଶିକ୍ଷାର୍ଥୀଙ୍କୁ ୧୭ କୋଟି ଟଙ୍କା ଡି.ଏମ୍.ଏଫ୍. ବୃତି ଆକାରରେ ପ୍ରଦାନ କରାଯାଇଛି ।

ସ୍ୱା/୦୨.୦୯.୨୦୨୨

ଉପନିର୍ଦ୍ଦେଶକ, ସୂଚନା ଓ ଲୋକ ସଂପର୍କ, କେନ୍ଦୁଝର